# ଜନଜାତିଙ୍କ ସାମାଜିକ ଜୀବନ ବିକଶିତ ହେଲେ ଦେଶ ଆଗକୁ ବଢ଼ିବ

## ଜନଜାତୀୟ ଗୌରବ ଦିବସ ପାଳିତ



ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ଅତିଥିବୃନ୍ଦ।

ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ସମଗ୍ର ଦେଶରେ ଜନଜାତୀୟ ଗୌରବ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଅବସରରେ ବିହାରର ଜମୁଇ ଜିଲାରୁ ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଦିବାସୀ ସଂପ୍ରଦାୟର ଭାଇଭଉଣୀମାନଙ୍କୁ ସମ୍ବୋଧନ କରି ପ୍ରକୃତିର ସୁରକ୍ଷା ଓ ଦେଶର ସ୍ୱାଧୀନତା ପ୍ରାପ୍ତି ପାଇଁ ସେମାନଙ୍କ ଅବଦାନ ଅବିସ୍ମରଣୀୟ ବୋଲି ପ୍ରକାଶ କରିଥିଲେ । ବିର୍ସା ମୁଣ୍ଡାଙ୍କୁ ନାମରେ ୧୫୦ଟଙ୍କିଆ ମୁଦ୍ରା ଓ ୫ ଟଙ୍କିଆ ଡାକ ଟିକେଟ୍‌କୁ ଉନ୍ମୋଚନ କରିବା ସହ ୬ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ଶିଳାନ୍ୟାସ କରିଥିଲେ । ଏହି ଅବସରରେ ଢେଙ୍କାନାଳ ମିନିଷ୍ଟାଡିୟମଠାରେ ଆୟୋଜିତ ଏକ ଉତ୍ସବରେ ଏମ୍‌ପି ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ ଏବଂ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀଙ୍କ ପ୍ରତିନିଧି ରାମଚନ୍ଦ୍ର ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜନଜାତିଙ୍କୁ ଶିକ୍ଷିତ କରାଇ ସେମାନଙ୍କର ଆର୍ଥିକ, ସାମାଜିକ, ରାଜନୈତିକ ଜୀବନରେ ବିକାଶ ପାଇଁ ଆଗେଇ ଆସିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜନଜାତିଙ୍କ ସାମାଜିକ ଜୀବନ ବିକଶିତ ହେଲେ ଦେଶ ଆଗକୁ ବଢିବ। ଜନଜାତିଙ୍କ ଇତିହାସ ମହାନା ଦେଶକୁ ଗୌରବାନ୍ୱିତ କରିବାରେ ସେମାନଙ୍କ ଅବଦାନ ଅତୁଳନିୟ ବୋଲି ମତବ୍ୟକ୍ତ କରିଥିଲେ । ସମସ୍ତେ ସଂଗଠିତ ହୋଇ ଶିକ୍ଷାର ଅଭାବ ଓ ଦାରିଦ୍ର୍ୟ କାରଣରୁ ଅବହେଳିତ ହୋଇଥିବା ଜନଜାତିଙ୍କ ପ୍ରକୃତ କଲ୍ୟାଣ କଲେ ବିକଶିତ ଭାରତର ସ୍ୱପ୍ନ ସାକାର ହେବ ବୋଲି ଆଶାବ୍ୟକ୍ତ କରିଥିଲେ । ଏହି ଅବସରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଲେ ଯେ, ବିର୍ସା ମୁଣ୍ଡାଙ୍କ ନେତୃତ୍ୱ ଓ ସଂଗ୍ରାମ ସାରା ଭାରତବର୍ଷକୁ ଅନୁପ୍ରାଣିତ କରିଥିଲା । ମୁକ୍ତି ଆନ୍ଦୋଳନ କରି ମାତ୍ର ୨୫ବର୍ଷ ବୟସରେ ଶହୀଦ ହେବାର ସୌଭାଗ୍ୟ ଅର୍ଜନ କରିଥିବାରୁ ସେ ଧରତି ଆବା ଭଗବାନ ଆଖ୍ୟା ପାଇଥିଲେ ବୋଲି ଜିଲାପାଳ କହିଥିଲେ । ପ୍ରାରମ୍ଭରେ ଜିଲା ମଙ୍ଗଳ ଅଧିକାରୀ ରୁଦ୍ର ପ୍ରସନ୍ନ ପରିଜା ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଉତ୍ସବରେ ଜିଲାର ବହୁ ସଂଖ୍ୟାରେ ଜନଜାତ ଭାଇ ଭଉଣୀମାନେ ଉପସ୍ଥିତ ଥିଲେ । ଅବନୀ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ହସ୍ତଶିଳ୍ପ ସାମଗ୍ରୀ ଷ୍ଟଲ ପ୍ରଦର୍ଶିତ ହୋଇଥିଲା ।

# ନୀଳକଣ୍ଠେଶ୍ୱରଙ୍କ ପୀଠରେ କାର୍ତ୍ତିକ ପୂର୍ଣ୍ଣିମା

ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳ ସହର ଖମାରସାହି ସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିରରେ ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ପଞ୍ଚୁକ ଓ ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ମହାସମାରୋହରେ ପାଳିତ ହୋଇଯାଇଛି । ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଅନ୍ନ ପ୍ରସାଦ ସେବନରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଦୀର୍ଘ ୨୫ବର୍ଷ



ଧରି ଏହି ମନ୍ଦିରରେ ୫ଦିନ ବ୍ୟାପୀ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥାନ୍ତି ବୋଲି ସୂଚନା ଦିଆଯାଇଛି ।

# ଗଁଦିଆରେ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ଗ୍ରାମସଭା



ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଗ୍ରାମପଞ୍ଚାୟତ ଶ୍ରୀରାମଚନ୍ଦ୍ରପୁର ଗ୍ରାମଠାରେ ସ୍ୱାଧିନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପ୍ରଶାସନ ପକ୍ଷରୁ ଅନୁସୂଚିତ ଜନଜାତିଙ୍କୁ ନେଇ ସ୍ୱତନ୍ତ୍ର ଗ୍ରାମସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଭାରେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଜନଜାତିଙ୍କ ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ବୁଝାଇଥିଲେ । ଏସ୍‌ଆଇଆରଡି ପ୍ରଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଜନଜାତିଙ୍କ ପାଇଁ ଜଙ୍ଗଲ ଅଧିକାର ଆଇନ, ଗ୍ରାମର ଦୀର୍ଘସ୍ଥାୟୀ ବିକାଶ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ସମାଜସେବୀ ବିଶ୍ୱନାଥ ଜେନା, ଗଁଦିଆ କୃଷି ସଂପ୍ରସାରଣ ଅଧିକାରୀ ପ୍ରକାଶ ମହାପାତ୍ର, ଡିପିଡିଓ ଶୁଭଶ୍ରୀ ପ୍ରିୟଦର୍ଶିନୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେଶ କୁମାର ଦାସ ଓ ସୁବ୍ରତ ଜେନା ଯୋଗ ଦେଇଥିଲେ । ସଭାରେ ସମ୍ବିଧାନ ପାଠ, ସ୍ୱଚ୍ଛତା ଓ ନିଶା ନିବାରଣ ଉପରେ ଶପଥପାଠ କରାଯାଇଥିଲା । ୫ଜଣ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ କରାଯାଇଥିଲା। ବୃକ୍ଷରୋପଣ କରାଯାଇଥିଲା । ଶ୍ରୀରାମଚନ୍ଦ୍ର ଗୋଷ୍ଠୀ ସ୍ୱାସ୍ଥ୍ୟ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

# ଶିଶୁ ବିକଶିତ ହେଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ



ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳ ପିଏମ୍‌ଶ୍ରୀ ବ୍ରଜନାଥ ବଡଜେନା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ଶିଶୁ ଦିବସ ଓ ଅଟଳ ଟିଙ୍କରିଙ୍ଗ୍ ଦିବସ ୨୦୨୪ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ବ୍ରହ୍ମୋତ୍ରୀ ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ଆଜିର ଶିଶୁ ଆସନ୍ତାକାଲିର ନାଗରିକ । ଶିଶୁମାନେ ବିକଶିତ ହେଲେ ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଧ୍ୟାନଚାନ୍ଦ ମିଶ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ମଧ୍ୟରେ ପିନାକୀ ପ୍ରିତମ ଛୋଟରାୟ, ଦେବୀଦତ୍ତ ଶତପଥୀ, ଶୁଭ୍ରାଂଶୁ ଶେଖର ସାହୁ, ଆଶୁତୋଷ ତ୍ରିପାଠୀ, ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ଶିଶୁ ଦିବସର ଆଭିମୁଖ୍ୟ ଓ ନେହେରୁଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# କପିଳାସ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

ଢେଙ୍କାନାଳ,୧୫ା୧୧(ରତନ ନାୟାର)



କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ରାଜ୍ୟ ତଥା ଜିଲାର ଶୈବପୀଠ କପିଳାସସ୍ଥିତ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉଙ୍କ ପୀଠରେ ଶୁକ୍ରବାର ଲକ୍ଷାଧିକ ଶ୍ରଦ୍ଧାଳୁ ଧାଡ଼ିରେ ଛିଡ଼ାହୋଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଚଳିତବର୍ଷ ୧୨ନଂ ବାଙ୍କଠାରୁ ମନ୍ଦିର ମୁଖଶାଳା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଲମ୍ବାଧାଡି ଲାଗିଥିବା ଦେଖାଯାଇଥିଲା । ମନ୍ଦିର ପରିସରରେ ମଧ ଶ୍ରଦ୍ଧାଳୁମାନେ ଧାଡିରେ ଛିଡାହୋଇ ମହାପ୍ରଭୁ ଓ ମା' ପାର୍ବତୀଙ୍କ ଦର୍ଶନ କରିଥିଲେ । ହରହର ମହାଦେବ ଧ୍ୱନୀରେ କପିଳାସ ପୀଠ କମ୍ପି ଉଠିଥିଲା । ଯାନବାହାନକୁ ମନ୍ଦିର ପର୍ଯ୍ୟନ୍ତ ନିୟନ୍ତ୍ରଣ କରାଯାଇଥିଲା। ଢେଙ୍କାନାଳ ଜିଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା କପିଳାସ ପୀଠରେ । କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭୋର ରାତି ୪ଟାରୁ ପୀଠରେ ମହାପ୍ରଭୁଙ୍କ ନୀତିକାନ୍ତି କରାଯାଇ ପୂଜାର୍ଚ୍ଚନା ହୋଇଥିଲା । ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ଆରମ୍ଭ ହୋଇଥିଲା । ସେହିପରି ଢେଙ୍କାନାଳ ଜିଲା ସଦର ବ୍ଲକ ଭାପୁର ନିକଟସ୍ଥ ପଶ୍ଚିମେଶ୍ୱର ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ପ୍ରାୟ ୮୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେବୋତ୍ତର ନୀରିକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସୂଚନାରୁ ଜଣାପଡିଛି । ପଶ୍ଚିମେଶ୍ୱର ପୀଠରେ ଶ୍ରଦ୍ଧାଳୁମାନେ ଲମ୍ବାଧାଡିରେ ଛିଡାହୋଇ ଦର୍ଶନ କରିଥିଲେ ।

# ମାତାପିତା ସହଭାଗିତା ବୈଠକ




ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଖମାରସାହି ଆଶ୍ରମ ବିଦ୍ୟାଳୟ ପରିସରରେ ଶୁକ୍ରବାର ପିତାମାତା ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ୧୦ନଂ ଓ୍ୱାର୍ଡ କାଉନସିଲର ସୁମିତ୍ରା ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲାର ହକିକୋଚ୍ ଫ୍ଲୋରେନ୍ସିଆ ଏକା ଓ ସମାଜସେବୀ ପ୍ରଦୀପ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ରଥ ମଞ୍ଚ ପରିଚାଳନା କରିଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ବିବରଣୀ ପାଠ କରିଥିଲେ । ଚିତ୍ରାଙ୍କନ, ବକ୍ତୃତା ଓ ଗୀତ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷୟିତ୍ରୀ ସଂଘମିତ୍ରା ଶୁଭଲକ୍ଷ୍ମୀ ଜୀବନ କୌଶଳ ଶିକ୍ଷା ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ଶିକ୍ଷକ ଅରୁଣ ବେହେରା ଧନ୍ୟବାଦ ଦେଇଥିଲେ।

# ଆଞ୍ଚଳିକ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ

କାମାକ୍ଷାନଗର, ୧୫ା୧୨ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଅରଖପାଳ ରାମିଆଳ ନଦୀକୂଳରେ ଶୁକ୍ରବାର ୨୮ତମ ଆଞ୍ଚଳିକ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ବାଲିଯାତ୍ରା କମିଟିର ସଭାପତି ଭାସ୍କର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷ୍ଣୁ ଚରଣ ମିଶ୍ର ସଂଯୋଜନା କରିଥିଲେ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାଙ୍କୁ ସାଧୁବାଦ ପ୍ରଦାନ କରି ପୂର୍ବ ନୌବାଣିଜ୍ୟର ପରମ୍ପରାକୁ ମନେ ପକାଇଥିଲେ। ଗ୍ରାମାଞ୍ଚଳରେ ବାଲିଯାତ୍ରା ଅଞ୍ଚଳର ସଂସ୍କୃତିରେ ଉନ୍ନତି ଆଣିବ ବୋଲି କହିଥିଲେ। କମିଟିର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସଭ୍ୟ ବିପ୍ରବର ସାହୁ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ସନ୍ନ୍ୟାସୀ ବରାଳ ବିବରଣୀ ପାଠକରିଥିଲେ। ଥାନା ଅଧିକାରୀ ଧିରେନ କୁମାର ବେହେରା, ଜିଲାପରିଷଦ ସଭ୍ୟ ଶିଳାରାଣୀ ସାହୁ, ସରପଞ୍ଚ ଧଳା ବରାଳ, ସମାଜସେବୀ ସରୋଜ ଶତପଥୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।




# କପିଳାସ ମହୋତ୍ସବ ଉଦ୍‌ଘାଟିତ




## ପର୍ବତାରୋହଣରେ ସାମିଲ ହେଲେ ଛାତ୍ରୀଛାତ୍ର

ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ମାଇକ୍ରୋମିଡିଆର ୨୨ତମ ବାର୍ଷିକ ଉତ୍ସବ ଉପଲକ୍ଷେ କପିଳାସ ମହୋତ୍ସବ ଶୁକ୍ରବାର ପ୍ରସିଦ୍ଧ ଶୈବପୀଠ କପିଳାସଠାରେ ଉଦଘାଟିତ ହୋଇଯାଇଛି । ଏହି ଉତ୍ସବ ୩ଦିନ ବ୍ୟାପି ଅନୁଷ୍ଠିତ ହେଉଛି। ଉଦଘାଟନ ଉତ୍ସବ ଅବସରରେ କପିଳାସ ପୀଠରେ ମହାପ୍ରଭୁ ଶ୍ରୀଶ୍ରୀ ଚନ୍ଦ୍ରଶେଖର ଜୀଉ ଓ ମା' ପାର୍ବତୀଙ୍କୁ ପୂଜାର୍ଚ୍ଚନା କରାଯାଇ ମଶାଲ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ମୁଖ୍ୟ ଅତିଥି ବିଶିଷ୍ଟ ସମାଜସେବୀ ଗଙ୍ଗାଧର ସାମଲ, ସମ୍ମାନିତ ଅତିଥି ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ରାଜ୍ୟ ବୟନିକା ସଭାପତି ପ୍ରକାଶ ମେହେର, ସମାଜସେବୀ ସୁକାନ୍ତ ମିଶ୍ର, ଜିଲା ସାମ୍ବାଦିକ ସଂଘ ସମ୍ପାଦକ ସତ୍ୟସ୍ୱରୁପ ଦାସ, ସମାଜସେବୀ ନରେନ୍ଦ୍ର ସାହୁ, ନାଟ୍ୟକାର ଶତ୍ରୁଘ୍ନ ମାଟି, ବରିଷ୍ଠ ଖବରଦାତା ଅମ୍ବିକା ପ୍ରସାଦ ପଟ୍ଟନାୟକ, ମଞ୍ଚ ଅଭିନେତା ଅରବିନ୍ଦ ସାହୁ ଓ ବିନୋଦ ମହାନ୍ତି, ସାହିତ୍ୟିକ ପରେଶଚନ୍ଦ୍ର ପଟ୍ଟନାୟକ, ଖବରଦାତା ଗଙ୍ଗାଧର ରାଉତ, ପୁଷ୍ପଲତା ସାମଲ, ଖବରଦାତା ଲକ୍ଷ୍ମୀକାନ୍ତ ସାହୁ, ଆଶିଷ ଶତପଥୀ ପ୍ରମୁଖ ପର୍ବତାରୋହଣ ଓ ଭଜନ ସମାରୋହର ଶୁଭାରମ୍ଭ କରିଥିଲେ । ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବକୁ ସୌମ୍ୟବ୍ରତ ସାହୁ ପରିଚାଳନା କରିଥିଲେ। ଏହାପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ବାଜିଚୌକ ସ୍ଥିତ ବାଜିରାଉତ ସ୍ମୃତିସ୍ତମ୍ଭଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଗୋପବନ୍ଧୁ ଟାଉହଲ ଠାରେ ପହଁଚିଥିଲା । ପରେ ସେଠାରେ ଲୋକକଳା ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋଚନାଚକ୍ର ଓ ସ୍ୱତନ୍ତ୍ର କବିତା ଆସର ଅନୁଷ୍ଠିତ ହୋଇଥିଲା ।

# ଇନ୍ଦିପୁରରେ ବୋଇତ ବନ୍ଦାଣ ଉତ୍ସବ



ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମପଞ୍ଚାୟତ ମଣିଆ ପୋଖରୀଠାରେ ଶୁକ୍ରବାର ତୈଳିକ ସମାଜ ପକ୍ଷରୁ ପାରମ୍ପରିକ ରୀତିରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମା' ମଙ୍ଗଳାଙ୍କୁ ପୂଜାର୍ଚ୍ଚନା କରି ଗ୍ରାମ ପରିକ୍ରମା କରିବା ପରେ ବୋଇତ ବନ୍ଦାଣ ଉତ୍ସବ ଆରମ୍ଭ ହୋଇଥିଲା। ଏହି ଉପଲକ୍ଷେ ଗୁରୁବାର ଅପରାହ୍ନ ୪ଟାରେ ଇନ୍ଦିପୁର ଚନ୍ଦନ ମଣ୍ଡପ ସାହି ମା' ଜେନାମଣୀଙ୍କ ପୀଠରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଢେଙ୍କାନାଳ-ଅନୁଗୋଳ ସମନ୍ୱୟ ତୈଳିକ ସମାଜର ସଭାପତି ସଞ୍ଜୟ ସାହୁ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଛଦେଶ(ଖ) ରାଜ୍ୟର କୋଷାଧ୍ୟକ୍ଷ ପ୍ରଭାକର ସାହୁ, ଢେଙ୍କାନାଳ-ଅନୁଗୋଳ ଜିଲା ତୈଳିକ ସମାଜର ସାଧାରଣ ସମ୍ପାଦକ ଲିଙ୍ଗରାଜ ବେହେରା, କୋଷାଧ୍ୟକ୍ଷ ଲଳିତ ସାହୁ, ଉପସଭାପତି ଅନୁକୂଳ ସାହୁ, ଓଡାପଡା ମଣ୍ଡଳ ସାଧାରଣ ସମ୍ପାଦକ ପ୍ରମୋଦ ସାହୁ, ଉପଦେଷ୍ଟା ପଞ୍ଚାନନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ-ଅନୁଗୋଳ ଜିଲା ସମନ୍ୱୟ ତୈଳିକ ସମାଜ ଅନ୍ତର୍ଗତ ଇନ୍ଦିପୁର ସମିତି, ସପ୍ତରାଜ୍ୟ ତୈଳିକ ବୈଶ୍ୟ ସମାଜ ଓଡିଶା ଅନ୍ତର୍ଗତ ଢେଙ୍କାନାଳ ଛଦେଶ(ଖ)ରାଜ୍ୟର ଇନ୍ଦିପୁର ସାହି, ମଦନମନୋହପୁର ସାହି ଓ ଇନ୍ଦିପୁର ନୁଆସାହିର ଅଞ୍ଚଳବାସୀ ଓ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ପରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

# ଚାଉଳିଆ ଖମାର ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକର ଚାଉଳିଆ ଖମାର ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଗୁରୁବାର ଶିଶୁ ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସଭାପତି ବୈକୁଣ୍ଠ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ସାମାଜିକ ସେବା ସଂଗଠନର ସମ୍ପାଦିକା ଭେରୋନିକା ଡୁଙ୍ଗଡୁଙ୍ଗ୍ ଓ ଓଡିଶା ଶିକ୍ଷା ବିକାଶ ସମିତି ସହ ଜିଲା ପ୍ରମୁଖ ମନୋରଞ୍ଜନ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିଭିତ୍ତିକ ଗୁଣାତ୍ମକ ଶିକ୍ଷା ସୁସ୍ଥ ସମାଜ ଗଠନର ମୂଳ ବୋଲି ଅଭିହିତ କରିଥିଲେ । ବିଦ୍ୟାଳୟର ପତ୍ରିକା 'ସଜଫୁଲ'ର ଶିଶୁ ଦିବସ ବଶେଷାଙ୍କ ଉନ୍ମୋଚନ ଓ ସ୍ମାର୍ଟ କ୍ଲାସ କକ୍ଷ ଉଦ୍‌ଘାଟନ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଚାଉଳିଆ ସରପଞ୍ଚ ବାବୁଲି ରାଉତ ଓ ନୟନା ବେହେରାଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦବ୍ୟତିତ ବିଦ୍ୟାଳୟର ଆଚାର୍ଯ୍ୟା ରୁନୁ ନାୟକ ଓ ଛାତ୍ରୀ ପ୍ରଜ୍ଞାସ୍ମିତା ରାଉତଙ୍କ କୁମୁଦିନୀ ସମ୍ମାନ, ଦେବୀ ପ୍ରସାଦ ସାହୁ ଓ ଶୀତଲ ପାଣିଙ୍କୁ ପ୍ରେମାନନ୍ଦ ସମ୍ମାନ, ସେବିକା ସସ୍ମିତା ଦାସ ଓ ଷଷ୍ଠ ଶ୍ରେଣୀ ଛାତ୍ର ଲିପ୍ତକାନ୍ତ ପୃଷ୍ଟିଙ୍କୁ ପତିତପାବନ ସେବା ସମ୍ମାନ, ସାଇଶ୍ରୀ ପ୍ରିୟଦର୍ଶିନୀ ବିଶ୍ୱାଳ ଓ ପୃଥିରାଜ ସ୍ୱାଇଁଙ୍କୁ ବୈକୁଣ୍ଠ ବିହାରୀ କଳା ଓ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା । ସମ୍ପାଦକ ରମେଶ ଚନ୍ଦ୍ର ବ୍ରହ୍ମ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଶ୍ରୀନିବାସ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ ।



# ସନ୍ଧ୍ୟାତାରା ପକ୍ଷରୁ ୪୨ତମ ବୋଇତ ବନ୍ଦାଣ ଉତ୍ସବ




ବୋଇତ ବନ୍ଦାଣ ଉତ୍ସବରେ ନୃତ୍ୟ ଆସର।



ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରୁଛନ୍ତି।

## ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାର ପ୍ରତୀକାତ୍ମକ ନମୁନା ପ୍ରଦର୍ଶନ

ଢେଙ୍କାନାଳ,୧୫ା୧୧(ରତନ ନାୟାର)

ଢେଙ୍କାନାଳ ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ଶୁକ୍ରବାର ଭାଗୀରଥୀ ସାଗର ନୂଆପୋଖରୀ ଠାରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ୪୨ତମ ବୋଇତ ବନ୍ଦାଣ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଭୋର ସାଢେ ୪ଟା ସମୟରେ ନୃତ୍ୟ ସଙ୍ଗୀତର ଆସର ହୋଇଥିଲା । ସକାଳ ସାଢେ ୫ଟାରେ ବୋଇତ ବନ୍ଦାଣ ସମାରୋହ ହୋଇଥିଲା। ଏହି ଅବସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କର ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଉତ୍କଳର ଗୌରବମୟ ଅତୀତକୁ ରୋମନ୍ଥନ କରିବା ସହିତ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବରେ ସନ୍ଧ୍ୟାତାରା ସାହିତ୍ୟ ସଂସଦ ସଭାପତି ଡ. ଭବାନୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ । ଉତ୍ସବରେ ସାଧବ ପୁଅ ଓ ସାଧବ ବୋହୂ ବେଶରେ ସଜେଇ ହୋଇଥିବା ଶତାଧିକ କୁନିକୁନି ପିଲାଙ୍କ ସମ୍ମିଳନୀ ହୋଇଥିଲା । ଏହି ସମ୍ମିଳନୀରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅଭିମନ୍ୟୁ ସାହୁ, ମନମୋହନ ତ୍ରିପାଠୀ, ନିରଦାନନ୍ଦ ନନ୍ଦ, ବିଭୂତି ଭୂଷଣ ବେହେରା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ସାଧାରଣ ସମ୍ପାଦକ ଶରତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବରେ ଭବାନୀକାନ୍ତ ନନ୍ଦ ଓ ସଂସଦର ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ । ବୋଇତ ବନ୍ଦାଣ ଉତ୍ସବ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା ।

